# ରାଘବଙ୍କ ଲଙ୍କା ଯାତ୍ରାନୁକୂଳ

● ଉପେନ୍ଦ୍ର ଭଞ୍ଜ

(ସପ୍ତଦଶ-ଅଷ୍ଟାଦଶ ଶତାବ୍ଦୀ)

**କବି ପରିଚୟ :**

*ଓଡ଼ିଆ ସାହିତ୍ୟରେ ବଳିଷ୍ଠ କବିତ୍ୱ ପାଇଁ ଉପେନ୍ଦ୍ର ଭଞ୍ଜ କବିସମ୍ରାଟ ଭାବେ ପରିଚିତ । ସେ ସପ୍ତଦଶ ଶତାବ୍ଦୀର ଶେଷ ପର୍ଯ୍ୟାୟରେ ଭଞ୍ଜନଗରର ଅନତିଦୂରରେ ଅବସ୍ଥିତ ଘୁମୁସର ରାଜବଂଶରେ ଜନ୍ମଗ୍ରହଣ କରିଥିଲେ । ଉପେନ୍ଦ୍ର ଭଞ୍ଜ ରାମ ତାରକ ମନ୍ତ୍ର ଜପ କରି କବିତ୍ୱ ଶକ୍ତି ଲାଭ କରିଥିଲେ । କୋଟିବ୍ରହ୍ମାଣ୍ଡ ସୁନ୍ଦରୀ, ଲାବଣ୍ୟବତୀ, ବୈଦେହୀଶ ବିଳାସ, ରସିକ ହାରାବଳୀ, ପ୍ରେମ ସୁଧାନିଧି, ସୁଭଦ୍ରା ପରିଣୟ, କଳା କଉତୁକ, ଛାନ୍ଦଭୂଷଣ ଆଦି କାବ୍ୟ, ରସପଞ୍ଚକ ଭଳି ଗୀତାତ୍ମକ ଆଳଂକାରିକ କୃତି ଓ ଗୀତାଭିଧାନ ନାମକ ପଦ୍ୟାତ୍ମକ ଶବ୍ଦକୋଷ ଉପେନ୍ଦ୍ରଙ୍କ ଅଳଙ୍କାରମନସ୍କ ପାଣ୍ଡିତ୍ୟ ଏବଂ କବିଖ୍ୟାତିର କାଳଜୟୀ କୃତି । ତାଙ୍କ ରଚିତ ଚଉପଦୀ ଓ ଚଉତିଶା ଓଡ଼ିଆ ଗୀତି-କବିତା ଧାରାରେ ଅପରୂପ ସୃଷ୍ଟି ରୂପେ ବିବେଚିତ ହେଉଛି ।*

*'ରାଘବଙ୍କ ଲଙ୍କା ଯାତ୍ରାନୁକୂଳ' କବିତାର ପାଠ୍ୟ କବିଙ୍କ 'ବୈଦେହୀଶ ବିଳାସ' କାବ୍ୟର ଚାଳିଶ ଛାନ୍ଦରୁ ଆନୀତ । ରାମ-କାବ୍ୟ ବୈଦେହୀଶ ବିଳାସ ବାଉନଛାନ୍ଦ ବିଶିଷ୍ଟ ରଚନା । ଏଥିରେ ପ୍ରତ୍ୟେକ ପଦ 'ବ' ଆଦ୍ୟ ବର୍ଣ୍ଣ ନିୟମରେ ରଚିତ । ଲଙ୍କାର ରାବଣ ଦ୍ୱାରା ଅପହୃତା ସୀତାଙ୍କୁ ଉଦ୍ଧାର କରିବା ପାଇଁ ରାମଚନ୍ଦ୍ର ସମୁଦ୍ରରେ ସେତୁ ବାନ୍ଧିବା ବେଳର କଥା ଏହି କବିତାରେ ବର୍ଣ୍ଣିତ । ଉପେନ୍ଦ୍ର ଭଞ୍ଜଙ୍କ ଅଳଙ୍କାରପ୍ରିୟତା, ଶବ୍ଦ ସଂଯୋଜନ କୌଶଳ ଓ ସମାଜପ୍ରତି ନୀତିନିଷ୍ଠ ବାର୍ତ୍ତା-ଏହି କବିତାର ଲକ୍ଷ୍ୟଣୀୟ ବୈଶିଷ୍ଟ୍ୟ ।*

---

**(ରାଗ–ଆଶାବରୀ)**

**ବ**ଳିଲା ରାଘବ ଆଶା ସୀତା ପ୍ରାପତିରେ
ବିଚାରିଲେ ସିନ୍ଧୁ ପୋତି ଯିବା ପର୍ବତରେ ଯେ । ୧ ।
ବୁଡ଼ିଗଲା ପକାଇଲେ କପି ଯେତେ ଗିରି
ବୁଦ୍‌ବୁଦ ନ ଦିଶେ ଜଳ ଫିଁ ଫିଁ କୃତ କରି ଯେ । ୨ ।

ବିସ୍ମଇ ନିଃଶ୍ୱାସ ତେଜି ବରୁଣ ପ୍ରସନ୍ନେ
ବିନାଶନରେ ଶୟନ ସେ ଦର୍ଭଶୟନେ ଯେ। ୩ ।
ବୁଧେ ଶୁଣ ଅନ୍ୟ ପ୍ରସଙ୍ଗକୁ ଦଶଶିର
ବରଗିଲା ସେ ଶୁକ ସାରଣ କରି ଚାର ଯେ। ୪ ।
ବିଭୀଷଣେ କହ ଜ୍ୟେଷ୍ଠଭ୍ରାତା ପିତା ସରି
ବୁଝି ନ ବୁଝି କୋପି ତା ବାଣୀ ପିତା କରି ଯେ। ୫ ।
ବିଭୂତିକି ଭୁଞ୍ଜୁଥିଲୁ ବିଭୂତିଭୂଷଣେ
ବଡ଼କୁଳେ ଜନମି ଶରଣ କି କାରଣେ ଯେ ? ୬ ।
ବୋଲ ଅଙ୍ଗଦକୁ ପିତା ଶତ୍ରୁ ଭକ୍ତି ପୁଣ୍ୟ
ବାଦ ରଚାଇ ପିତୃବ୍ୟ ବାହୁଡ଼ାଅ ସୈନ୍ୟ ଯେ। ୭ ।
ବିହାୟସେ ବିହରି ସାଗର ଜିଣି ଯାଇ
ବର୍ତ୍ତିକ ସ୍ୱରୂପ ଧୃତ କେଁ କେଁ ଟିହୋ କହି ଯେ। ୮ ।
ବିଖ୍ୟାତ କରୁ ବିଂଶତିକର କହିବାର
ବୋଧ ଉଭୟ ଭୟରେ ପଳାଇ ସତ୍ୱର ଯେ। ୯ ।
ବାହୁଡ଼ି ରାବଣେ କହି ଶୁଣ ଦେବ ରିପୁ
ବୋଇଲା ଅନୁଜ ଯିବି ସୀତାଙ୍କୁ ସମର୍ପୁ ଯେ। ୧୦ ।
ବଞ୍ଚିଲୁଁ ଅଙ୍ଗଦେ ଅଙ୍ଗ ଦେବାରୁ କି ଧର୍ମେ
ବଜ୍ରାଘାତ ସମ ତଳ ପ୍ରହାରିଲା ବ୍ୟୋମେ ଯେ। ୧୧ ।
ବାଜିଥିଲେ ଚୂର୍ଣ୍ଣ ବା ପାତାଳେ ଭଜିଥିବ
ବିନ୍ଧ୍ୟ ଭାନୁ ତୋଷି ହେଲେ ବଞ୍ଚାଇ ଦଇବ ଯେ। ୧୨ ।
ବଳ କେତେ ବୋଲୁଁ ବୋଲେ ଯେତେ ଶଙ୍ଖ ସେହି
ବାରି ରାଶିରେ ଜନିତ ତେତେ ଶଙ୍ଖ ନାହିଁ ଯେ। ୧୩ ।
ବିତରଣେ ସାଗର କି ପାଞ୍ଚ ପଚାରିଲା
ବିହେ ରାମ କୁଶଶଯ୍ୟା ପ୍ରତ୍ୟୁତ୍ତର ଦେଲା ଯେ। ୧୪ ।
ବିରସକୁ ମନ୍ଦ କରି ମନ୍ଦହାସ ଜନ୍ମେ।
ବୋଲେ କି କରିବ ଏଡ଼େ ହୀନ ପରାକ୍ରମେ ଯେ। ୧୫ ।

**ସୂଚନା :**

ରାଘବ - ରାମଚନ୍ଦ୍ର

ବୁଦ୍‌ବୁଦ - ପାଣିଫୋଟକା

ଫି ଫି କୃତ - ଫିଫିକାର ଶବ୍ଦ

ବରୁଣ - ଜଳାଧିପତି

ବିସ୍ମଇ - ବିସ୍ମୟରେ, ଆଶ୍ଚର୍ଯ୍ୟାନ୍ୱିତ ହୋଇ

ବିନାଶନରେ - ବିନା ଅଶନରେ ଅର୍ଥାତ୍ ଅନାହାରରେ

ଦର୍ଭ - କୁଶ

ବୁଧେ - ପଣ୍ଡିତମାନେ

ବରଗିଲା - ପଠାଇଲା

ଶୁକ, ସାରଣ - ରାବଣର ଦୁଇ ମନ୍ତ୍ରୀ

ଚାର - ଦୂତ

ବିଭୂତିଭୂଷଣ - ଭସ୍ମ ଭୂଷଣ, ଏଠାରେ ରାମଚନ୍ଦ୍ରଙ୍କ ଉଦ୍ଦେଶ୍ୟରେ କଥିତ ।

ବାଦ ରଚାଇ - କଳହ ସୃଷ୍ଟି କରି

ଅଙ୍ଗଦ - କିଷ୍କିନ୍ଧ୍ୟାର ରାଜା ବାଳୀଙ୍କ ପୁତ୍ର

ପିତୃବ୍ୟ - ବାପାଙ୍କର ସାନ ଭାଇ

ବିହାୟସେ - ଆକାଶରେ

ବିହରି - ଭ୍ରମଣ କରି

ବର୍ତ୍ତକ - ଟେଣ୍ଟେଇ/ଟିଟିଭ ପକ୍ଷୀ, ବତକ

କେଁ କେଁ ଟିହୋ - ଟେଣ୍ଟେଇ ଅଥବା ବତକର ଧ୍ୱନି

ଧୃତ - ଧାରଣ କରି

ସତ୍ୱର - ଶୀଘ୍ର

ବିଂଶତିକର - ୨୦ ହାତ ଯାହାର (ରାବଣ)

ତଳ - କରତାଳ ଏଠାରେ ଚାପୁଡ଼ା

ବିନ୍ଧ୍ୟ - ପର୍ବତର ନାମ

ଜନିତ - ଜନ୍ମିତ

ଶଙ୍ଖ - ସଂଖ୍ୟା ବିଶେଷ, ଲକ୍ଷକୋଟି ସଂଖ୍ୟକ

ଶଙ୍ଖ - ସାମୁଦ୍ରିକ ଜୀବ

ବିତରଣେ - ପାରହେବା ପାଇଁ

ପାଞ୍ଚ - ଉପାୟ

ବିହେ - ବିଧାନ କରେ

ମନ୍ଦ - ଅଳ୍ପ

ମନ୍ଦହାସ - ଅଳ୍ପହସ

ବୁଧେ – ପଣ୍ଡିତମାନେ

କୁଶ - ଏକ ପ୍ରକାର ତୃଣବିଶେଷ

## ପ୍ରଶ୍ନାବଳୀ

**ନିର୍ଦ୍ଦିଷ୍ଟ ଉତ୍ତରମୂଳକ :**

୧. ପ୍ରତ୍ୟେକର ତିନୋଟି ଲେଖାଏଁ ପ୍ରତିଶବ୍ଦ ଲେଖ ।
ସିନ୍ଧୁ, ପର୍ବତ, ଆକାଶ

୨. ନିମ୍ନଲିଖିତ ଶବ୍ଦମାନଙ୍କର ଗଦ୍ୟରୂପ ଲେଖ ।
ପ୍ରାପତି, ଜନମି, ଦଇବ

୩. ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦ ଲେଖ ।

ଆଶା, ନିଃଶ୍ୱାସ, ପ୍ରସନ୍ନ, ଜ୍ୟେଷ୍ଠ, ଜନ୍ମ, ପୁଣ୍ୟ, ବିରସ

୪. ନିମ୍ନଲିଖିତ ଶବ୍ଦମାନଙ୍କୁ ନେଇ ସାର୍ଥକ ବାକ୍ୟ ରଚନା କର ।

ପିତୃବ୍ୟ, ବ୍ୟୋମ, ପ୍ରସନ୍ନ, ଅନୁଜ, ସତ୍ୱର

୫. ସନ୍ଧିବିଚ୍ଛେଦ କର ।

ବଜ୍ରାଘାତ, ପ୍ରତ୍ୟୁତ୍ତର, ନିଃଶ୍ୱାସ

୬. ବ୍ୟାସବାକ୍ୟସହ ସମାସର ନାମ ଲେଖ ।

ବିଭୂତିଭୂଷଣ, ବିଂଶତିକର, ଦେବରିପୁ, ହୀନପରାକ୍ରମ

୭. କେଁ କେଁ ଭଳି ଆଉ ପାଞ୍ଚଗୋଟି ଧ୍ୱନ୍ୟାତ୍ମକ ଯୁଗ୍ମଶବ୍ଦ ଲେଖ ।

**କ୍ଷୁଦ୍ର ଉତ୍ତରମୂଳକ :**

୮. ସିନ୍ଧୁକୁ ପୋଡିବା ପାଇଁ ରାମଚନ୍ଦ୍ର କାହିଁକି ସ୍ଥିର କଲେ ?

୯. କବିତାରେ ରାଘବ ଶବ୍ଦଟି କାହା ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଛି ?

୧୦. ବରୁଣଙ୍କୁ ପ୍ରସନ୍ନ କରିବା ପାଇଁ ରାମଚନ୍ଦ୍ର କ'ଣ କଲେ ?

୧୧. ରାବଣ ଶୁକ, ସାରଣଙ୍କ ମାଧ୍ୟମରେ ବିଭୀଷଣଙ୍କ ପାଖକୁ କି ବାର୍ତ୍ତା ପଠାଇଲେ ?

୧୨. ଅଙ୍ଗଦ ନିକଟକୁ ରାବଣ କି ସନ୍ଦେଶ ପ୍ରେରଣ କଲେ ?

୧୩. ରାବଣର ବାର୍ତ୍ତା ନେଇ ଅଙ୍ଗଦ ନିକଟକୁ କିଏ ଆସିଥିଲେ ?

୧୪. ରାବଣର ବାର୍ତ୍ତା ଶୁଣି ଅଙ୍ଗଦ କି ପ୍ରତିକ୍ରିୟା ପ୍ରକାଶ କଲେ ?

୧୫. ମନ୍ତ୍ରୀଦ୍ୱୟ ରାବଣ ନିକଟରେ କି ଉକ୍ତି ପ୍ରକାଶ କଲେ ?

୧୬. ଅଙ୍ଗଦଙ୍କ ଶକ୍ତ ଚାପୁଡ଼ା ପ୍ରହାରରେ ମନ୍ତ୍ରୀଦ୍ୱୟଙ୍କର କି ଅବସ୍ଥା ହୋଇଥାନ୍ତା ।

୧୭. ଶ୍ରୀରାମଙ୍କ ସୈନ୍ୟ ସଂଖ୍ୟା କେତେ ବୋଲି ମନ୍ତ୍ରୀଦ୍ୱୟ କଳନା କଲେ ?

୧୮. ସମୁଦ୍ର ତରିବା ନିମନ୍ତେ ରାଘବ କ'ଣ ପାଞ୍ଚିଥିଲେ ?

**ସପ୍ରସଙ୍ଗ ସରଳାର୍ଥ :**

୧୯. ବିସ୍ମଇ ନିଃଶ୍ୱାସ ତେଜି ବରୁଣ ପ୍ରସନ୍ନେ

ବିନାଶନରେ ଶୟନ ସେ ଦର୍ଭଶୟନେ ଯେ।

୨୦. ବିଭୂତିକି ଭୁଞ୍ଜୁଥିଲୁ ବିଭୂତିଭୂଷଣେ

ବଡ଼କୁଳେ ଜନମି ଶରଣ କି କାରଣେ ଯେ ?

୨୧. ବାଜିଥିଲେ ଚୂର୍ଣ୍ଣ ବା ପାତାଳେ ଭଜିଥିବ

ବିନ୍ଧ୍ୟ ଭାନୁ ତୋଷି ହେଲେ ବଞ୍ଚାଇ ଦଇବ ଯେ।

**ଦୀର୍ଘ ଉତ୍ତରମୂଳକ :**

୨୨. ଲଙ୍କା ଯାତ୍ରା ନିମନ୍ତେ ରାଘବଙ୍କ ପ୍ରୟାସ ବର୍ଣ୍ଣନା କର।

୨୩. ପଠିତ କବିତାରୁ ରାବଣର କୂଟନୀତି ସମ୍ପର୍କରେ ଆଲୋଚନା କର ।

୨୪. ପଠିତ କବିତା ଭିତ୍ତିରେ ସମାଜ ପ୍ରତିଥିବା ବାର୍ତ୍ତାଗୁଡ଼ିକ ଲେଖି ସାନଭାଇ ନିକଟକୁ ପତ୍ର ଲେଖ ।

**ତୁମ ପାଇଁ କାମ :**

୨୫. ସେତୁବନ୍ଧ ସମ୍ବନ୍ଧୀୟ ଚିତ୍ର ସଂଗ୍ରହ କରି ତୁମ ଶ୍ରେଣୀଗୃହ କାନ୍ଥରେ ସଂଲଗ୍ନ କର।

୨୬. ବୈଦେହୀଶ ବିଳାସ ପୁସ୍ତକରୁ ତୁମକୁ ଭଲ ଲାଗୁଥିବା ପଦଗୁଡ଼ିକୁ ଲେଖି ରଖି ଆବୃତ୍ତି କର।

◆